KANAK NEWS

# ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଅରେଞ୍ଜକ୍ରସର ସଫଳତା । ଓଡିଶାରୁ ଆରମ୍ଭ କରି ଏବେ ଅନ୍ୟ ରାଜ୍ୟରେ ବି ସଫଳ

By **Pradip Nayak** On **Sep 27, 2022 - 7:18 PM** Last updated **Sep 27, 2022 - 7:20 PM** ନ୍ୟୁଜ୍




**କନକ ବ୍ୟୁରୋ :** ଅରେଞ୍ଜକ୍ରସ ଏକ ଓଡିଶା ଭିତ୍ତିକ ସ୍ୱାସ୍ଥ୍ୟସେବା ଷ୍ଟାର୍ଟଅପ । ଯାହାକି ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ୪ ବର୍ଷର ଗୌରବମୟ ସେବା ସମାପ୍ତ କରିଛି । ଗତ ୪ ବର୍ଷ ମଧ୍ୟରେ କମ୍ପାନୀ ଓଡିଶା ରାଜ୍ୟରେ ଅନେକ ଲୋକଙ୍କ ମନକୁ ଛୁଇଁଛି । କମ୍ପାନୀ ବର୍ତ୍ତମାନ ଭୁବନେଶ୍ୱର, କଟକ, ବିଶାଖାପାଟନମରେ କାର୍ଯ୍ୟ କରୁଛି ଏବଂ ବେଙ୍ଗାଲୁରୁ ସହରରେ ଖୁବଶୀଘ୍ର ଏହାର କାର୍ଯ୍ୟ ଆରମ୍ଭ କରିବ ।

ସର୍ବୋଚ ଗୁଣର ସେବା ପ୍ରଦାନ କରିବାକୁ ଅରେଞ୍ଜକ୍ରସ ଓଡିଶା ଦକ୍ଷତା ବିକାଶ ପ୍ରାଧିକରଣ (ଓ ଏସ ଡି ଏ) ଅଧିନରେ ଏକ ତାଲିମ କାର୍ଯ୍ୟକ୍ରମ ଚଳାଇଛି । ଏହି ପ୍ରୋଗ୍ରାମରେ ସାର୍ଟିଫିକେଟ ଲାଭ କରିଥିବା ଏଏନଏମ ନର୍ସ ମାନେ ସ୍ୱାଧିନ ଭାବରେ ଘରେ ଘରେ ରୋଗୀ ସେବା ଏବଂ ଜୀବନ ସହାୟତା ଉପକରଣ ପରିଚାଳନା କରିବାରେ ଦକ୍ଷ ଅଟନ୍ତି । ରାଜ୍ୟର ବିଭିନ୍ନ ସ୍ଥାନରୁ ମନୋନୀତ ନର୍ସମାନଙ୍କୁ ସ୍ୱତନ୍ତ୍ର ଘରୋଇ ନର୍ସିଂ ତାଲିମ ଦିଆଯାଉଛି ଏବଂ ପରବର୍ତୀ ସମୟରେ ସେମାନଙ୍କୁ ଦୀର୍ଘକାଳୀନ ବୃତ୍ତି ସୁଯୋଗ ମଧ୍ୟ ଯୋଗାଇ ଦିଆଯାଉଛି । ଏହିପରି ଭାବରେ ଅରେଞ୍ଜକ୍ରସ ନିଯୁକ୍ତି ଏବଂ ଲିଙ୍ଗଗତ ସମାନତା ସମ୍ବନ୍ଧୀୟ ସମସ୍ୟାର ସମାଧାନ କରେ ।

ଅରେଞ୍ଜକ୍ରସ ଦ୍ୱାରା ପ୍ରଦାନ କରାଯାଉଥିବା ସେବା ବିଶେଷ ଭାବରେ ପରିବାର ବିନା ସହରରେ ଏକା ରହୁଥିବା ବରିଷ୍ଠ ନାଗରିକଙ୍କ ସେବା ସୁଲଭ ମୂଲ୍ୟରେ ଦେଇଥାଏ । ବର୍ଦ୍ଧିତ ମନିଟରିଙ୍ଗ ଏବଂ ନର୍ସିଂ ଆବଶ୍ୟକ କରୁଥିବା ରୋଗୀ ମାନଙ୍କ ପାଇଁ ଏହା ଉପଯୋଗୀ ଅଟେ । ଜୁନ ୨୦୧୮ରେ ଅରେଞ୍ଜକ୍ରସକୁ ଓଡିଶା ସରକାର ଏକ ଷ୍ଟାର୍ଟଅପ ଉଦ୍ୟୋଗ ଭାବରେ ମାନ୍ୟତା ଦେଇଥିଲେ । ଏହା ହୋମ ନର୍ସିଂ ପାଇଁ କ୍ଲିନିକାଲ ଏଷ୍ଟାବ୍ଲିସମେଂଟ ଲାଇସେନ୍ସ ମଧ୍ୟ ପାଇଛି । ସିଇଓ ଅଜୟ ଭଞ୍ଜଙ୍କ ମତରେ ଅରେଞ୍ଜକ୍ରସ ଘରୋଇ ସ୍ୱାସ୍ଥ୍ୟସେବୀଙ୍କ କ୍ୟାରିୟରରେ ଏକ ସମ୍ମାନସ୍ପଦ ମୂଲ୍ୟ ସ୍ଥାପନ କରିବାରେ ସଫଳ ହୋଇଛି । ଏହା ବ୍ୟତିତ ଘରୋଇ ସ୍ୱାସ୍ଥ୍ୟସେବାକୁ ମୂଖ୍ୟସେବା ଇକୋସିଷ୍ଟମର ଏକ ଅଭିନ୍ନ ଅଙ୍ଗ ଭାବରେ ପ୍ରସ୍ଥାପନ କରିବାକୁ ଅରେଞ୍ଜକ୍ରସ ପ୍ରତିବଦ୍ଧ ବୋଲି ସେ କହିଛନ୍ତି ।

**କନକ ନ୍ୟୁଜ୍ ସମ୍ପର୍କରେ    ଯୋଗାଯୋଗ    LIVE    Privacy Policy    RIO    Technical Info**

© 2022 - Kanak News. All Rights Reserved.